# ଗ୍ରୀନ୍ ମହାନଦୀ ଯୋଜନା ଫେଲ୍

- ଅନୁଦାନ ମିଳୁନି, କାମ କରୁନାହାନ୍ତି ଶ୍ରମିକ
- ୫୦ ପ୍ରତିଶତ ଚାରା ମରିଥିବା ସ୍ୱୀକାର କଲା ବନ ବିଭାଗ
- ୫ କୋଟି ଚାରା ରୋପଣ ଲକ୍ଷ୍ୟ ପୂରଣ ହେଲାନି

ସମ୍ବଲପୁର,୧୪।୭(ବ୍ୟୁରୋ)

ମହାନଦୀ କୂଳର ଅବକ୍ଷୟ ରୋକିବା, ବନ୍ୟା ନିୟନ୍ତ୍ରଣ, ସବୁଜ ପରିବେଶ ସୃଷ୍ଟି ସହ ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାର ଗ୍ରୀନ ମହାନଦୀ ଯୋଜନା ୨୦୧୮ରେ ଆରମ୍ଭ କରିଥିଲେ। ୫ବର୍ଷ ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରାଯାଇଥିଲା। ଏହି ସମୟ ସୀମା ମଧ୍ୟରେ ମହାନଦୀ ତଟର ୪୧ ହଜାର ହେକ୍ଟର ଅଞ୍ଚଳରେ ୫ କୋଟି ଚାରା ରୋପଣ ପାଇଁ ଲକ୍ଷ୍ୟ ରହିଥିଲା। ଏଥିପାଇଁ ୫ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋନପୁର ଜିଲାରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ହେଲେ ମହାନଦୀ ଅବବାହିକା ସମ୍ବଲପୁର ଜିଲା ସମେତ ଅନ୍ୟ ଜିଲାରେ ଏହି ଯୋଜନା ଏକ ପ୍ରକାର ଫେଲ୍ ମାରିଛି। ଉକ୍ତ ଯୋଜନାର ସଫଳ ରୂପାୟନ ପାଇଁ ଆବଶ୍ୟକ ଅର୍ଥ ମିଳୁନାହିଁ। ଫଳରେ ଉକ୍ତ ଯୋଜନା କେବଳ ଯୋଜନାରେ ରହିଛି ବୋଲି ଅଭିଯୋଗ ହୋଇଛି।

ରାଜ୍ୟ ସରକାର ଗ୍ରୀନ ମହାନଦୀ ଯୋଜନା ଘୋଷଣା ପରେ ସବୁଠି ତତ୍ପରତା ପ୍ରକାଶ ପାଇଥିଲା। ମୁଖ୍ୟମନ୍ତ୍ରୀ ଏହି ଯୋଜନା ଉଦ୍‌ଘାଟନ କରିବା ପରେ ଚାରା ରୋପଣ କାର୍ଯ୍ୟକ୍ରମ ଦ୍ରୁତଗତିରେ ଚାଲିଥିଲା। ହେଲେ ଅଳ୍ପ ଦିନ ପରେ ଚାରା ରୋପଣ ଧିମେଇ ଚାଲିଲା। ରାଜ୍ୟ ସରକାର ଯୋଜନା ମୁତାବକ ଆର୍ଥିକ ଅନୁଦାନ ଯୋଗାଇ ଦେଇ ନ ପାରିବାରୁ ଏଥିରେ ବ୍ୟତିକ୍ରମ ଦେଖାଦେଇଥିଲା। ବିଶେଷ କରି ଚାରା ରୋପଣ ପରେ ସରକାରୀ ଅନୁଦାନ ମିଳିବା କମିଲା। ଫଳରେ ଆବଶ୍ୟକ ଯତ୍ନ ଅଭାବରୁ ପ୍ରଥମ ବର୍ଷ ରୋପଣ ହୋଇଥିବା ଚାରାଗୁଡ଼ିକ ମରିଯାଇଥିଲା। ଅନ୍ୟପକ୍ଷେ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)କୁ ମହାନଦୀ ଗ୍ରୀନ ମିଶନ ଯୋଜନାରେ ସାମିଲ କରିଥିଲେ। ଆଶା ଥିଲା ଶ୍ରମିକମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହେଲେ ଚାରା ରୋପଣ ଓ ତାର ସୁରକ୍ଷା କରାଯାଇପାରିବ। ହେଲେ ୨୦୧୮-୧୯ ଓ ୨୦୧୯-୨୦ ଆର୍ଥିକ ବର୍ଷରେ ଉକ୍ତ ଯୋଜନା ବାବଦ ଅନୁଦାନ କମ୍ ଆସିଥିଲା। ଫଳରେ ଶ୍ରମିକଙ୍କୁ ମଜୁରି ଦେବାରେ ସମସ୍ୟା ଦେଖାଦେଇଥିଲା। ତେଣୁ କାମ କରିବାକୁ ଶ୍ରମିକମାନେ ଆସି ନ ଥିଲେ। ଏଣେ ଚାରା ରକ୍ଷଣାବେକ୍ଷଣ ପାଇଁ ଟଙ୍କା ମିଳିଲା ନାହିଁ। ତେଣୁ ଗ୍ରାମାଞ୍ଚଳରେ ଲଗାଯାଇଥିବା ଚାରା ମଧ୍ୟରୁ ୫୦ ପ୍ରତିଶତ ମରିଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ଏହି ଯୋଜନା ପାଇଁ ବନ ବିଭାଗ ପକ୍ଷରୁ ବନ ଦୂତ ଓ ମହାନଦୀ ସେବକ ନିଯୁକ୍ତ କରାଯାଇଥିଲା। ଗଛ ଲଗାଇବା ଓ ତାର ସୁରକ୍ଷା ଦିଗରେ କାମ କରିବା ସହ ଲୋକମାନଙ୍କୁ ସଚେତନ କରିବା ପାଇଁ ସେମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ସେମାନେ ପାରିଶ୍ରମିକ ନ ପାଇବାରୁ ଠିକ୍ ଭାବେ କାମ କରି ନ ଥିଲେ ବୋଲି ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି। ତଥାପି ଗ୍ରୀନ ମହାନଦୀ ଯୋଜନା ସହରାଞ୍ଚଳରେ ଲକ୍ଷ୍ୟ ହାସଲ କରିପାରିଛି। ସହରାଞ୍ଚଳ ପାଇଁ ସ୍ୱତନ୍ତ୍ର ଅନୁଦାନ ଆସିଥାଏ। ସେହି ଅନୁଦାନ ଖର୍ଚ୍ଚ କରି ଗଛଗୁଡ଼ିକୁ ସୁରକ୍ଷା ଦିଆଯାଇଛି। ପ୍ରଥମ ବର୍ଷରେ ସହରାଞ୍ଚଳରେ ଲଗାଯାଇଥିବା ଚାରାରୁ ୭୦ ପ୍ରତିଶତ ବଞ୍ଚିଛି। ଏହି ଯୋଜନାରେ ଘରୋଇ ଜମିରେ ଲଗାଯାଇଥିବା ଚାରାରୁ ୮୦ ପ୍ରତିଶତ ବଞ୍ଚିପାରିଛି। ଜାମପାଲି ଓ ରେଙ୍ଗାଲି ଅଞ୍ଚଳରେ ୧ ଲକ୍ଷ ୩୦ ହଜାର ଗଛର ଜଙ୍ଗଲ ସୃଷ୍ଟି ହୋଇଛି ବୋଲି ବନ ବିଭାଗ କହିଛି।

ଏ ସମ୍ପର୍କରେ ସମ୍ବଲପୁର ଡିଏଫ୍‌ଓ ସଞ୍ଜୀତ କୁମାର କହିଛନ୍ତି , ଗ୍ରୀନ୍ ମହାନଦୀ ଯୋଜନା ସହରାଞ୍ଚଳରେ ଲକ୍ଷ୍ୟ ହାସଲ କରିଛି। ହେଲେ ଗ୍ରାମାଞ୍ଚଳରେ ଯୋଜନା ଲକ୍ଷ୍ୟ ହାସଲ କରି ପାରିନାହିଁ। ବିଗତ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରିବା ପାଇଁ ଶ୍ରମିକ ରାଜି ହେଉ ନ ଥିଲେ। ଚଳିତ ବର୍ଷ କିନ୍ତୁ ଶ୍ରମିକମାନେ କାମ କରୁଛନ୍ତି। ଯେଉଁ ଚାରା ମରିଯାଇଛି ସେଠାରେ ପୁଣି ନୂଆ ରୋପଣ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୮ ଜୁନ ୫ ତାରିଖ ବିଶ୍ୱ ବନ ଦିବସରେ ସମ୍ବଲପୁର ଜିଲାରେ ଗ୍ରୀନ ମହାନଦୀ ଯୋଜନାର ଆରମ୍ଭ ହୋଇଥିଲା। ତତ୍କାଳୀନ କୃଷି ବିଭାଗ ପ୍ରମୁଖ ସଚିବ ସୌରଭ ଗର୍ଗ, ଜିଲାପାଳ ସମର୍ଥ ବର୍ମା, ଏସ୍‌ପି ସଞ୍ଜୀବ ଅରୋରା, ପିସିସିଏଫ ଓମ୍ ପ୍ରକାଶ ସିଂ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଗ୍ରୀନ୍ ମହାନଦୀ ଯୋଜନାରେ ଜିଲାର ବନ ବିଭାଗ, ଉଦ୍ୟାନ ବିଭାଗ ଓ ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ ସହଯୋଗ କରିବା ପାଇଁ ସ୍ଥିର କରାଯାଇଥିଲା। ସମ୍ବଲପୁର ଜିଲାର ଜଙ୍ଗଲ ଜମି, ସରକାରୀ ଜମି ଓ ଘରୋଇ ଚାଷ ଜମିକୁ ମିଶାଇ ମୋଟ ୧୬ ହଜାର ୫ ଶହ ହେକ୍ଟର ଜମିରେ ୧୨ ଲକ୍ଷ ୨୦ ହଜାର ଗଛ ଲଗାଯିବାକୁ ସ୍ଥିର ହୋଇଥିଲା।


ସମ୍ବଲପୁର ଜିଲାରେ ମହାନଦୀ ତଟରେ ଲଗାଯାଇଥିବା ଚାରା ନାହିଁ।

## ସଂକ୍ଷେପରେ

### ଜରାସିଂହା ଉପ ସ୍ୱାସ୍ଥ୍ୟକେନ୍ଦ୍ର: ଖାଲି ପଡ଼ିଛି ଏଏନ୍‌ଏମ୍ ପଦବୀ

ଦେଓଗାଁ,୧୪।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ମୁଖ୍ୟାଳୟର ଏକ ନିଛାଟିଆ ସ୍ଥାନରେ ନିର୍ମାଣ ହୋଇଛି ଉପସ୍ୱାସ୍ଥ୍ୟକେନ୍ଦ୍ର। ଉପଯୁକ୍ତ ସ୍ଥାନରେ କୋଠା ନିର୍ମାଣ ହୋଇ ନ ଥିବାରୁ ସେଠାରେ କୌଣସି କର୍ମଚାରୀ ରହୁ ନାହାନ୍ତି। ବହୁଦିନ ହେଲା ଏଠାରେ ଏଏନ୍‌ଏମ୍ ପଦବୀ ଖାଲି ପଡିରହିଥିବାରୁ ଜରାସିଂହା ଉପସ୍ୱାସ୍ଥ୍ୟକେନ୍ଦ୍ର କେବଳ କାଗଜପତ୍ରରେ ଚାଲୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨୦୧୭ ମାର୍ଚ୍ଚରେ ସ୍ଥାନୀୟ ଏଏନ୍‌ଏମ୍ ବୃନ୍ଦାବତୀ ରଣା ଚାକିରିରୁ ଇସ୍ତଫା ଦେବା ପରଠାରୁ ଏଠାରେ ଉକ୍ତ ପଦବୀ ଖାଲି ରହିଛି। ତେବେ ଦେଓଗାଁ ଏଏନ୍‌ଏମ୍ ସାବିତ୍ରୀ ପଟେଲଙ୍କୁ ଜରାସିଂହାର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁରେନ୍ଦ୍ର ପାରକିଆଙ୍କଠାରୁ ପ୍ରକାଶ। ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି।

### ୭ ବର୍ଷ ହେଲା ମରାମତି ହୋଇନି ରାସ୍ତା

ବିନିକା,୧୪।୭(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ବାବୁପାଲି ପଞ୍ଚାୟତ ଅଧୀନ ପଲସାପାଲି ତ୍ରିବେଣୀ ଛକଠାରୁ ବରଗଡ଼ ଜିଲା ଭେଡେନ ବ୍ଲକର ହିରୋମୁଣ୍ଡା ଗାଁକୁ ସଂଯୋଗ କରୁଥିବା ୪ କି.ମି. ରାସ୍ତା ଶୋଚନୀୟ ହୋଇପଡିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତା ଗତ ୭ବର୍ଷ ହେଲା ମରାମତି ହୋଇନାହିଁ। ଫଳରେ ରାସ୍ତାରୁ ପିଚୁ ଉଠିଯାଇ ବିଭିନ୍ନ ସ୍ଥାନରେ ଖାଲ ହୋଇଛି। ସାମାନ୍ୟ ବର୍ଷା ହେଲେ ଖାଲରେ ପାଣି ଜମି ରହୁଛି। ରାସ୍ତା ଅବସ୍ଥା ଏପରି ହୋଇଛି ଯେ, ସାଇକେଲ କିମ୍ବା ଚାଲି ଚାଲି ଯିବା ମଧ କଷ୍ଟକର ହୋଇପଡ଼ିଛି। ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ଲୋକେ ହଟହଟାର ସମ୍ମୁଖୀନ ହେଉଛନ୍ତି। ଏପରି ସ୍ଥଳେ ମରାମତି ନ ହେବା ଯାଏ ଏହି ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ବାବୁପାଲି ସରପଞ୍ଚ ଚନ୍ଦ୍ର କୁମାର ମହାପାତ୍ର କହିଛନ୍ତି ଯେ, ରାସ୍ତା ସମସ୍ୟା ନେଇ ବିଭିନ୍ନ ସମୟରେ ଆର୍‌ଡି ବିଭାଗକୁ ଜଣାଇଥିଲେ ବି କୌଣସି ସୁଫଳ ମିଳୁନାହିଁ। ଆଗାମୀ ଦିନରେ ଜିଲାପାଳଙ୍କୁ ଫେରାଦ ହେବୁ ବୋଲି ସେ କହିଥିଲେ। ଏ ନେଇ ବିନିକା ବ୍ଲକ୍ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ନୀଳମଣି ଦେହୁରୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ହେଲେ ମରାମତି ନେଇ ତାଙ୍କଠାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିନାହିଁ।

### ମହିଳାଙ୍କୁ ବଳାତ୍କାର, ଯୁବକ ଗିରଫ

ଲଖନପୁର,୧୪।୭(ଡି.ଏନ୍.ଏ): ଝାରସୁଗୁଡା ଜିଲା ବନହରପାଲି ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ତେଲେନପାଲି ଗ୍ରାମର ଜିତେନ୍ଦ୍ର ସା(୨୭)। ତାଙ୍କୁ ବୁଧବାର ଝାରସୁଗୁଡା କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ଏ ନେଇ ପୀଡିତା ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ବନହରପାଲି ଥାନାରେ ଏକ ମାମଲା (ନଂ. ୯୮/୨୦) ରୁଜୁକରି ତଦନ୍ତ ଚଳାଇଛି। ଉଭୟଙ୍କୁ ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀମାଇନା କରାଯାଇଛି।

### ସାପ କାମୁଡାରେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

ଲଖନପୁର,୧୪।୭(ଡି.ଏନ୍.ଏ): ସାପ କାମୁଡାରେ ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅଧୀନ କତରବଗା ଗ୍ରାମ ସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଜଣେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟିଖିଲି ଗ୍ରାମର ବିଜୁଳିବତୀ ଭୋଇ(୩୮)। ବିଜୁଳିବତୀ ଶିକ୍ଷାକେନ୍ଦ୍ରର ଶିକ୍ଷୟିତ୍ରୀ ଥିଲେ। ତାଙ୍କ ସ୍ୱାମୀ ଓ ୨ ପୁଅ ସହ ସେ ଉକ୍ତ ସ୍କୁଲରେ ରହୁଥିଲେ। ସୋମବାର ରାତିରେ ସ୍କୁଲ ବାରଣ୍ଡାରେ ଶୋଇଥିବାବେଳେ ବିଜୁଳିବତୀଙ୍କୁ ସାପ କାମୁଡି ଦେଇଥିଲା। ଖବର ପାଇ କଣ୍ଢେଇକେଲା ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରେଙ୍ଗାଲି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୦) ରୁଜୁ ହୋଇଛି।

# ବାଣିଜ୍ୟରେ ତାନ୍‌ଭି, ବିଜ୍ଞାନରେ ଆଶୁତୋଷ ଟପ୍ପର

**ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶିତ**


ତାନଭି ଅଗ୍ରୱାଲ
ଇଣ୍ଡିଆନ ପବ୍ଲିକ ସ୍କୁଲ ଛାତ୍ରୀ


ଆଶୁତୋଷ ରଥ
ଡିଏଭି ପବ୍ଲିକ ସ୍କୁଲ ଛାତ୍ର

ସମ୍ବଲପୁର, ୧୪।୭ (ବ୍ୟୁରୋ)

ସିବିଏସଇ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ସମ୍ବଲପୁର ଜିଲାରେ ବାଣିଜ୍ୟ ବିଭାଗରେ ଇଣ୍ଡିଆନ ପବ୍ଲିକ ସ୍କୁଲ ଛାତ୍ରୀ ତାନଭି ଅଗ୍ରୱାଲ ୯୬.୪% ମାର୍କ ରଖି ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିପରି ବିଜ୍ଞାନରେ ବୁର୍ଲା ଡିଏଭି ପବ୍ଲିକ ସ୍କୁଲର ଆଶୁତୋଷ ରଥ ୯୬.୨% ମାର୍କ ରଖି ସମ୍ବଲପୁର ଜିଲାରେ ପ୍ରଥମ ସ୍ଥାନରେ ରହିଛନ୍ତି।

### ବୁର୍ଲା ଡିଏଭି ପବ୍ଲିକ୍ ସ୍କୁଲ

ସମ୍ବଲପୁର ବୁର୍ଲା ଡିଏଭି ପବ୍ଲିକ ସ୍କୁଲ ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ମୋଟ ୭୮ ଜଣ ଓ ବାଣିଜ୍ୟରେ ମୋଟ ୩୯ ଜଣ ପରୀକ୍ଷା ଦେଇଥିବା ବେଳେ ଶତ ପ୍ରତିଶତ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ଆଶୁତୋଷ ରଥ ୯୬.୨%, ମିତ୍ରଦେବ ରଣା ୯୫.୮% ଓ ଶୁଭଶ୍ରୀ ଶତପଥୀ ୯୫.୪% ସହ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ବାଣିଜ୍ୟରେ ଲକ୍ଷ୍ୟ ଭରଦ୍ୱାଜ ୯୫%, ପ୍ରଗତି ଅଗ୍ରୱାଲ ୯୪.୮% ଓ କନିକା ଅଗ୍ରୱାଲ ୯୪.୨% ସହ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି।

### କେନ୍ଦ୍ରୀୟ ବିଦ୍ୟାଳୟ-୧

ସମ୍ବଲପୁର ବରେଇପାଲିସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୧ର ମୋଟ ୮୪ ଜଣ ଓ ବାଣିଜ୍ୟରେ ମୋଟ ୩୪ ଜଣ ଛାତ୍ରୀଛାତ୍ର ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ପରୀକ୍ଷା ଦେଇଥିବା ବେଳେ ଶତପ୍ରତିଶତ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ସୋନାଲି ପ୍ରିୟଦର୍ଶିନୀ ୯୬% ଓ ବିଶାଳ ରାଉତ ୯୫.୬% ରଖିଛନ୍ତି। ତୃତୀୟ ସ୍ଥାନରେ ପ୍ରତ୍ୟୁଷ ରଞ୍ଜନ ସାହୁ ଓ ଅନିକେତ ଘୋଷାଲ ରହିଛନ୍ତି। ସେହିପରି ବାଣିଜ୍ୟରେ ରୀଶିକା ଉପାଧ୍ୟାୟ ୯୨.୨%, ଅର୍ପିତା ଦିଶ୍ରୀ ୯୦.୨% ଓ ସୁନୀତ ହୋତା ୮୮.୬% ସହ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି।

### ବିକାଶ କନସେପ୍ଟ ସ୍କୁଲ

ସମ୍ବଲପୁର ଶାସନସ୍ଥିତ ବିକାଶ କନସେପ୍ଟ ସ୍କୁଲର ଦିବ୍ୟରଞ୍ଜନ ଓରାମ ୯୩%, ନୟନ କୁମାର ୯୨.୮% ଓ ସୁଦୀପ୍ତୋ ଦାସ ୯୨.୨% ସହ ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ବାଣିଜ୍ୟରେ ବର୍ଣ୍ଣାଳୀ ଗର୍ଡିଆ ୯୪.୮%, ରାଜ ଅଗ୍ରୱାଲ ୯୨.୪% ଓ ଚିରାଗ ଅଗ୍ରୱାଲ ୯୨% ସହ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି।

### ଗୁରୁନାନକ ପବ୍ଲିକ ସ୍କୁଲ

ସମ୍ବଲପୁର ଦାନୀପାଲି ଗୁରୁନାନକ ପବ୍ଲିକ ସ୍କୁଲର ମୋଟ ୬୫ ଜଣ ଓ ବାଣିଜ୍ୟରେ ମୋଟ ୬୩ ଜଣ ଛାତ୍ରୀଛାତ୍ର ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପରୀକ୍ଷା ଦେଇଥିବା ବେଳେ ଶତ ପ୍ରତିଶତ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ସୁର ପ୍ରସାଦ ପ୍ରଧାନ ୯୪.୪%, କ୍ୟୁରି ସାହୁ ୯୩% ଓ ଅମିତ ଯୋଷୀ ୯୨.୬% ସହ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ବାଣିଜ୍ୟରେ ୟାଶ ଅଗ୍ରୱାଲ ୮୯.୬% ରଖି ବିଦ୍ୟାଳୟରେ ଶୀର୍ଷରେ ଅଛନ୍ତି।

### ଦିଲ୍ଲୀ ପବ୍ଲିକ ସ୍କୁଲ

ସମ୍ବଲପୁର ଶାସନସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲର ଅଙ୍କିତ ଭୌମିକ ୮୯.୫%, ସୌମ୍ୟରଞ୍ଜନ ଭୋଇ ୮୫.୮%, ହେମନ୍ତ ଚନ୍ଦ୍ର ୮୪.୪% ମାର୍କ ବାଣିଜ୍ୟ ବିଭାଗରେ ରଖି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି। ସେହିପରି ବିଜ୍ଞାନରେ ମନିଶ କୁମାର ନାୟକ ୯୩.୭%, ନିଶିକା ସାହୁ ୯୦.୪%, ସୌମ୍ୟରଞ୍ଜନ ରାଉତ ୮୮.୫% ପ୍ରତିଶକ ମାର୍କ ରଖି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

# ଭିମ୍‌ସାରର ଆଉ ଜଣେ ଡାକ୍ତର, ୨ ନର୍ସ କରୋନା ପଜିଟିଭ

ସମ୍ବଲପୁର,୧୪।୭ (ବ୍ୟୁରୋ)

ସମ୍ବଲପୁର ବୁର୍ଲା ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ୩ଜଣଙ୍କ ପଜିଟିଭ ରିପୋର୍ଟ ଆସିଛି। ସେମାନଙ୍କ ମଧ୍ୟରେ କର୍କଟ ବିଭାଗର ଜଣେ ଡାକ୍ତର ଓ ଜଣେ ନର୍ସ ରହିଛନ୍ତି। ସେହିପରି ଆଇସିୟୁରେ କାର୍ଯ୍ୟରତ ଜଣେ ନର୍ସଙ୍କ ରିପୋର୍ଟ ମଧ ପଜିଟିଭ ଆସିଛି। ଏହି ଡାକ୍ତର ଓ ନର୍ସଙ୍କୁ କୋଭିଡ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ଭିମ୍‌ସାରରେ ଏଭଳି ପରିସ୍ଥିତିକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। କର୍କଟ ବିଭାଗରେ ଚିକିତ୍ସିତ ହେଉଥିବା ସମସ୍ତ ରୋଗୀଙ୍କ ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ତେବେ ପରିସ୍ଥିତିର ମୁକାବିଲା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଅଧ୍ୟକ୍ଷ ଜୟଶ୍ରୀ ଦୋରାଙ୍କ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ବିଭାଗର ମୁଖ୍ୟ ଓ ଡିନ୍ ଉପସ୍ଥିତ ଥିଲେ। କର୍କଟ ବିଭାଗରେ ଆଉଟ୍ ଡୋର୍‌କୁ ଏବେ ବନ୍ଦ କରାଯିବାକୁ ସ୍ଥିର କରାଯାଇଛି। ଏହି ବିଭାଗରେ ଥିବା ଅନ୍ୟ ଡାକ୍ତର, ନର୍ସଙ୍କ ସ୍ୱାବ୍ ପରୀକ୍ଷା କରାଯିବ ବୋଲି ନିଷ୍ପତ୍ତି ମଧ ହୋଇଛି। ସମସ୍ତ ଓପିଡିକୁ ବନ୍ଦ କରାଯିବ। ସବୁ ପ୍ରକାର ଅସ୍ତ୍ରୋପଚାର ବନ୍ଦ ରହିବ। ଅବଶ୍ୟ କାଜୁଆଲଟି ଓ ଏମରଜେନ୍ସି ଅସ୍ତ୍ରୋପଚାର ଚାଲୁ ରହିବ। ରେଫରାଲ ଓ ଏମରଜେନସି କେସ୍ ଆଡମିଟ୍ କରାଯିବ। ଏହି ସମୟରେ ଅଗ୍ନିଶମ ବିଭାଗ ଦ୍ୱାରା ସମଗ୍ର ଭିମ୍‌ସାରକୁ ସାନିଟାଇଜ କରାଯିବ। ଚିକିତ୍ସିତ ହେଉଥିବା ରୋଗୀଙ୍କ ପାଖରେ ମାତ୍ର ଜଣେ ଆଟେଣ୍ଡାଣ୍ଟ ରହିବେ। ଡାକ୍ତର ଓ ନର୍ସମାନଙ୍କୁ କରୋନା ମୁକାବିଲା ପାଇଁ କିଟ୍ ପିନ୍ଧି ଚିକିତ୍ସା କରିବା ପାଇଁ ଗାଇଡ୍ ଲାଇନ ଜାରି କରାଯାଇଛି। ସୂଚନାଯୋଗ୍ୟ, ବରଗଡ ଜିଲା ରେସମ ଅଞ୍ଚଳର ଜଣେ ରୋଗୀ ଓ ସମ୍ବଲପୁର ଜିଲାର ଜଣେ ରୋଗୀ କର୍କଟ ରୋଗ ବିଭାଗରେ ଚିକିତ୍ସିତ ହେଉଥିଲେ। ସେମାନଙ୍କ ସାମାନ୍ୟ ଲକ୍ଷଣ ଦେଖା ଦେବାରୁ ସୋମବାର ସ୍ୱାବ୍ ପରୀକ୍ଷା କରାଯାଇଥିଲା। ରିପୋର୍ଟ ପଜିଟିଭ ଆସିଥିଲା। ବରଗଡ ଜିଲା ରୋଗୀଙ୍କୁ ବରଗଡ କୋଭିଡ୍ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ବେଳେ ସମ୍ବଲପୁର ଜିଲା ରୋଗୀଙ୍କୁ ସମ୍ବଲପୁର କୋଭିଡ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ସୋମବାର ଆଇସିୟୁରେ କାର୍ଯ୍ୟରତ ଜଣେ ପିଜି ଡାକ୍ତରଙ୍କ ପଜିଟିଭ ରିପୋର୍ଟ ଆସିଥିଲା। ତାଙ୍କୁ କୋଭିଡ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଆଇସିୟୁକୁ ସମ୍ପୂର୍ଣ୍ଣ ଭାବେ ସାନିଟାଇଜ କରାଯାଇଛି।

# ଏସିଏସ୍‌ଓ ନିଲମ୍ବିତ, ମିଲ୍‌ରୁ ସବୁ ଧାନ ଜବତ ପାଇଁ ନିର୍ଦ୍ଦେଶ

**ଜିଲା ବାହାରର ଧାନ କିଣାରେ ଦୁର୍ନୀତି**

ସମ୍ବଲପୁର,୧୪।୭(ବ୍ୟୁରୋ)

ସମ୍ବଲପୁର ହେଡ୍ କ୍ୱାର୍ଟର ଏସିଏସ୍‌ଓ ସୁହାଂଶୁ ଭୋଇଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ରାଜ୍ୟ ଯୋଗାଣ ବିଭାଗ ନିଲମ୍ବନ କରିଛି। ପ୍ରତିଦିନ ସେ ସୁନ୍ଦରଗଡ ଜିଲା ଯୋଗାଣ ବିଭାଗ ଅଫିସରେ ହାଜର ହେବାକୁ ନିର୍ଦ୍ଦେଶ ଦିଅଯାଇଛି। ସାତୁପାଲିସ୍ଥିତ ଆଇପି ରାଇସ୍ ମିଲ୍‌ରେ ଥିବା ସବୁ ଧାନ ଜବତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ସେଠ ଏହି ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ସେଠାରେ ଥିବା ଧାନକୁ ଅନ୍ୟ ରାଇସ୍ ମିଲ୍‌କୁ ସ୍ଥାନାନ୍ତର କରାଯାଉଛି। ସବୁ ଧାନ ସ୍ଥାନାନ୍ତର କରାଯିବା ପରେ ଯାଇ କେତେ ଧାନ କମ୍ ରହିଛି ତାହା ଜଣା ପଡିବ। ଉକ୍ତ ମିଲ୍‌ର ସିକ୍ୟୁରିଟି ବାବଦକୁ ୫ କୋଟି ଟଙ୍କା ଜମା ରହିଛି। ଯୋଗାଣ ବିଭାଗର କ୍ଷତି ହେବ ନାହିଁ। ଅନ୍ୟ ପଟେ ଯାଞ୍ଚ ହୋଇଥିବା ଅନ୍ୟ ୧୮ ମିଲର ମଧ ସାମାନ୍ୟ ଷ୍ଟକ କମ୍ ଥିବା ଜଣାପଡିଛି। ପ୍ରାଥମିକ ଯାଞ୍ଚରେ ଏଭଳି ଜଣାପଡିଛି। ଯେଉଁମାନଙ୍କ କମ୍ ରହିଛି ସେହି ମିଲ୍‌ଗୁଡିକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଜୁନ ୨୬ ତାରିଖ ସାତୁପାଲିସ୍ଥିତ ଆଇପି ରାଇସ୍ ମିଲ୍ ଉପରେ ଯୋଗାଣ ବିଭାଗର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢାଉ କରିଥିଲା। ଷ୍ଟକରୁ ପ୍ରାୟ ୨୬ ହଜାର କୁଇଣ୍ଟାଲ ଧାନ କମ୍ ଥିବା ଏହି ଟିମ୍ ଜାଣିବାକୁ ପାଇ ଜିଲା ପ୍ରଶାସନ ଓ ଯୋଗାଣ ବିଭାଗକୁ ସୂଚନା ଦେଇଥିଲା। ଏହି ଘଟଣାରେ ଏସିଏସ୍‌ଓଙ୍କ ଅବହେଳାକୁ ଦାୟୀ କରାଯାଇଥିଲା। ଏଣୁ ଅନ୍ୟ ରାଇସ୍ ମିଲ୍‌ଗୁଡିକ ଉପରେ ମଧ ଯାଞ୍ଚ କରିବାକୁ ଜିଲାପାଳ ଶୁଭମ୍ ସକ୍‌ସେନା ନିର୍ଦ୍ଦେଶ ଦେଇଥିଲେ। ଫଳରେ ଯୋଗାଣ ବିଭାଗ ପକ୍ଷରୁ ଅନ୍ୟ ରାଇସ ମିଲଗୁଡିକର ଷ୍ଟକ୍ ଯାଞ୍ଚ କରାଯାଇଥିଲା।

### ନିୟମ ନ ମାନି ଜରିମାନା ଗଣୁଛନ୍ତି ଅମାନିଆ

ଝାରସୁଗୁଡା ଅଫିସ, ୧୪।୭: ଝାରସୁଗୁଡା ଜିଲାରେ କୋଭିଡ୍ କଟକଣାକୁ ପାଳନ କରିବା ପାଇଁ ଜିଲା ପୋଲିସ ପକ୍ଷରୁ ଜୋରଦାର ପ୍ରୟାସ କରାଯାଉଛି। ତେବେ ବିଗତ ୭ ଦିନ ମଧରେ ମାସ୍କ ପିନ୍ଧି ନ ଥିବାରୁ ୪ ଲକ୍ଷ ୫୯ ହଜାର ୨୫୦ ଟଙ୍କା, ସାମାଜିକ ଦୂରତ୍ୱକୁ ଖିଲାପ କରିଥିବା ବ୍ୟକ୍ତିଙ୍କଠାରୁ ୫ ହଜାର ଓ ଯାନବାହନ ଆଇନ ଖିଲାପିଙ୍କ ଠାରୁ ୭୦ ହଜାର ଆଦାୟ କରାଯାଇଛି। ଏହି ୭ ଦିନରେ ୨୯ଟି ଅବକାରୀ ମାମଲା ରୁଜୁ କରାଯାଇଛି। ୪୯୯ ଲିଟର ଦେଶୀ ଓ ୩୫.୧୯ ଲିଟର ବିଦେଶୀ ମଦ ଜବତ ହୋଇଛି।


**କରୋନା କଟକଣାକୁ ବେଖାତିର:** ମଙ୍ଗଳବାର ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ କୋର୍ଟରେ ଜମି ମୋକଦ୍ଦମା ଶୁଣାଣି ଲାଗି ଢେଙ୍କାନାଳ ଅଞ୍ଚଳରୁ ଲୋକମାନେ ଆସିଛନ୍ତି।

# ବ୍ରିଜ୍ ଉପରୁ ମହାନଦୀକୁ ଡେଇଁଲେ ମହିଳା

ସୋନପୁର,୧୪।୭(ନି.ପ୍ର.)

ମଙ୍ଗଳବାର ସନ୍ଧ୍ୟାରେ ସୋନପୁର ମହାନଦୀ ବ୍ରିଜ୍ ଉପରୁ ନଦୀକୁ ଡେଇଁ ମୀରା ସେଠୀ (୨୦) ନାମକ ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରି ବିଫଳ ହୋଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଛି। ସେ ଏବେ ସୁସ୍ଥ ଥିବା ଡାକ୍ତର କହିଛନ୍ତି। ପ୍ରକାଶ ଯେ, ମୀରା ସ୍ୱାମୀ ନିତ୍ୟାନନ୍ଦ ସେଠୀ(୨୭)ଙ୍କ ସହିତ ବାଇକ୍‌ରେ ସୋନପୁର ଯାଉଥିଲେ। ବ୍ରିଜ୍ ପାର ହେବା ସମୟରେ ସେ ନଦୀର ପାଣି ଦେଖିବେ ବୋଲି ସ୍ୱାମୀଙ୍କୁ କହିଥିଲେ। ବାଇକ୍ ଓ ହେଲମେଟ୍ ରଖି ଦୁହେଁ ବ୍ରିଜ୍ ଉପରେ ବୁଲାବୁଲି କରିବା ସହ ମହାନଦୀର ଜଳରାଶିକୁ ଉପଭୋଗ କରୁଥିଲେ। ତେବେ କୌଣସି କାରଣରୁ ଏହି ସମୟରେ ମୀରା ଜୋତା ଓ ପର୍ସ ବ୍ରିଜ୍ ଉପରେ ରଖି ହଠାତ୍ ନଦୀ ଗର୍ଭକୁ ଡେଇଁ ପଡିଥିଲେ। ଖବରପାଇ ଅଗ୍ନିଶମ ବିଭାଗ ଓ ପୋଲିସ କର୍ମଚାରୀମାନେ ଖୋଜାଖୋଜି କରି ନଦୀ ଗର୍ଭରୁ ତାଙ୍କୁ ଉଦ୍ଧାର କରିଥିଲେ। ମହିଳାଙ୍କ ବାପଘର ସୋନପୁର ଥାନା ଜନମୁରା ଗାଁରେ ହୋଇଥିବା ବେଳେ ଶ୍ୱଶୁର ଘର ଉଲୁଣ୍ଡା ଥାନା କୁହ୍ଲିଆକାନି ଅଞ୍ଚଳରେ ବୋଲି ଜଣାପଡିଛି। ପୋଲିସ ନିତ୍ୟାନନ୍ଦଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ମହିଳା ସୁସ୍ଥ ହେଲା ପରେ ସେ କାହିଁକି ଆତ୍ମହତ୍ୟା ଉଦ୍ୟମ କଲେ ତାର ତଦନ୍ତ କରାଯିବ ବୋଲି ସୋନପୁର ଆଇଆଇସି ଲୋକେଶ୍ୱର ସାହୁ କହିଛନ୍ତି।

ଧରିତ୍ରୀ
DHARITRI
ବୁଧବାର, ୧୫ ଜୁଲାଇ, ୨୦୨୦



## ସଂକ୍ଷେପରେ

### କଲଭର୍ଟ ନିର୍ମାଣ ସରୁନି, ଯାତାୟାତ ବାଧାପ୍ରାପ୍ତ

ଲୋଇସିଂହା,୧୪।୭(ଡି.ଏନ୍.ଏ.)- ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଣୀସର୍ଡା-କୁମୁଣ୍ଡେ ରାସ୍ତାର ଉନ୍ନତୀକରଣ ଗତବର୍ଷ କରାଯାଇଛି। ସେତେବେଳେ ଏହି ରାସ୍ତାର ଦୁଇଟି ସ୍ଥାନରେ କଲଭର୍ଟ ନିର୍ମାଣ ନ କରି ଛାଡ଼ି ଦିଆଯାଇଥିଲା। ଚଳିତ ବର୍ଷ ସେହି ସ୍ଥାନରେ କଲଭର୍ଟ ନିର୍ମାଣ ପାଇଁ ଗାତଖୋଳି ମୁକୁଳା ଛାଡ଼ି ଦିଆଯାଇଛି। ଖରାଦିନେ ଲୋକେ କୌଣସିମତେ ଯିବା ଆସିବା କରୁଥିଲେ। ହେଲେ ଏବେ ବର୍ଷାଋତୁ ଆସି ଯାଇଥିବାରୁ ସମସ୍ୟା ସୃଷ୍ଟି ହୋଇଛି। କଲଭର୍ଟ କାମ ବନ୍ଦ ଥିବାରୁ କୁମୁଣ୍ଡେ ଗ୍ରାମବାସୀ ବୁର୍ଡାଛକ ଦେଇ ସୁବର୍ଣ୍ଣପୁର, ବୌଦ୍ଧ ଓ ଭୁବନେଶ୍ୱରକୁ ଯିବା ଆସିବା କରୁଛନ୍ତି। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଦାୟିତ୍ୱରେ ଥିବା ଠିକା ସଂସ୍ଥା ଅବିଳମ୍ବେ କାମ ଶେଷ କରିବାକୁ ସାଧାରଣରେ ଦାବି ହେଉଛି।

### ମାଡ଼ ମାରି ୩୦ ହଜାର ଲୁଟିନେଲେ

ଦେଓଗାଁ,୧୪।୭(ଡି.ଏନ.ଏ.) ବଲାଙ୍ଗୀର ଜିଲା ଦେଓଗାଁ ଥାନା ମହମ୍ମଦପୁର ରାସ୍ତାରେ ସୋମବାର ଅପରାହ୍ନରେ ଏକ ଅର୍ଥ ଲଗାଣକାରୀ ସଂସ୍ଥାର ଜନୈକ କର୍ମଚାରୀଙ୍କୁ ମାଡ଼ ମାରି ଦୁର୍ବୃତ୍ତ ୩୦ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଏ ନେଇ ଅଭିଯୋଗ ପରେ ଏକ ମାମଲା(ନଂ.୧୭୦/୨୦)ରୁଜୁ ହୋଇ ଅଧିକ ତଦନ୍ତ ଚାଲିଥିବା ଏଏସ୍ଆଇ ବିଚିତ୍ରାନନ୍ଦ ପ୍ରଧାନ କହିଛନ୍ତି। ଅଭିଯୋଗ ଅନୁସାରେ ଅନ୍ନପୂର୍ଣ୍ଣା ଫାଇନାନ୍ସ କମ୍ପାନୀର ଫିଲ୍ଡ ଅଧିକାରୀ ବିଜୟ କୁମାର ବାରିକ ପଦ୍ମପୁର ଓ ମହମ୍ମଦପୁର ଦେଇ ଫେରୁଥିବା ବେଳେ ଲୁଟ୍‌ର ଶିକାର ହୋଇଥିଲେ।

### ଖେଳପଡ଼ିଆ ପାଇଁ ଗ୍ରାମବାସୀଙ୍କ ଧାରଣା

**ତରଭା,୧୪।୭(ଡି.ଏନ.ଏ.):** ତରଭା ବ୍ଲକର ପୁଆ ଗ୍ରାମରେ ଥିବା ହାଇସ୍କୁଲ ପାଇଁ ଖେଳପଡିଆ କରିବା ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ମଙ୍ଗଳବାର ପଞ୍ଚାୟତ ଅଫିସ ଆଗରେ ଧାରଣା ଦିଆଯାଇଥିଲା। ତିନିଦିନ ମଧରେ ଖେଳପଡିଆ ପାଇଁ ଜାଗା ଯୋଗାଇ ଦିଆଯିବ ଓ ଜବରଦଖଲକାରୀଙ୍କୁ ନୋଟିସ ପଠାଯିବ ବୋଲି ତହସିଲଦାର ତ୍ରିପୁରା ମହାନନ୍ଦ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଅବସରରେ ପ୍ରଶାସନିକ ଅଧିକାରୀମାନେ ପ୍ରଥମେ ସୁକତେଲ ନଦୀ କୂଳରେ ଥିବା ଗୋଚର ଜମି ଓ ସ୍କୁଲ ପଛପଟ ଜମି ପରିଦର୍ଶନ କରିଥିଲେ। ପୁଆ ଗ୍ରାମରେ ପ୍ରାୟ ୬ ଏକରରୁ ଉର୍ଦ୍ଧ୍ୱ ପରିମିତ ଜମିରେ ଥିବା ବାଣ୍ଡିକଟାକୁ ପୋତି ଖେଳପଡିଆ କରିବାକୁ ଗ୍ରାମର ଗୋଟିଏ ଗୋଷ୍ଠୀ ନିଷ୍ପତ୍ତି ନେଇଥିଲେ। ତଦ୍‌ନୁଯାୟୀ ମାର୍ଚ୍ଚ ଶେଷ ସପ୍ତାହରେ କଟାର ହିଡକଟା ଆରମ୍ଭ ହୋଇଥିଲା। ହେଲେ ଅନ୍ୟଗୋଷ୍ଠୀ ଏହାକୁ ବିରୋଧ କରିଥିଲେ।

### ଲେଖିକା ପୁଷ୍ପାଞ୍ଜଳି ପୂଜାରୀଙ୍କ ପରଲୋକ



**ବଲାଙ୍ଗୀର ଅଫିସ, ୧୪।୭:** ବଲାଙ୍ଗୀର ରୁଗୁଡିପଡା ନିବାସୀ ସୁଲେଖିକା ପୁଷ୍ପାଞ୍ଜଳି ପୂଜାରୀ(୬୪)ଙ୍କ ସୋମବାର ପରଲୋକ ହୋଇଛି। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ତାଙ୍କ ସ୍ୱାମୀ ଅବସରପ୍ରାପ୍ତ ପରିବହନ ବିଭାଗ କର୍ମଚାରୀ ଅଶ୍ୱିନୀ କୁମାର ପୂଜାରୀ, ପୁତ୍ର ବିଶ୍ୱମୟ ପୂଜାରୀଙ୍କ ସହ ୪ ଝିଅ ଓ ଜ୍ୱାଇଁ ଅଛନ୍ତି। ସ୍ୱର୍ଗତା ପୂଜାରୀ ଗୀତିକବିତା ଓ ଭଜନ ଲେଖିକା ଓ ଗାୟିକା ଭାବେ ପରିଚିତ ଥିଲେ। ଆକାଶବାଣୀ ବଲାଙ୍ଗୀର କେନ୍ଦ୍ରରେ ତାଙ୍କର ଗୀତିକବିତା, ଭଜନ ପ୍ରସାରିତ ହୋଇଥିଲା। ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ମଙ୍ଗଳବାର ସକାଳେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ପୁତ୍ର ବିଶ୍ୱମୟ ମୁଖାଗ୍ନି ଦେଇଛନ୍ତି। ଜିଲା ଲେଖକ ପରିଷଦ ସଭାପତି ମଳୟ ମିଶ୍ର, ଜିଲା ସାମ୍ବାଦିକ ସଂଘ ସଭାପତି ହରି ନାରାୟଣ ପୂଜାରୀ, ବରିଷ୍ଠ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ, ପ୍ରଭାସ ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶୋକବ୍ୟକ୍ତ କରିଛନ୍ତି।

# କମୁଛି ବୃଷ୍ଟିପାତ, ଚିନ୍ତାରେ ଚାଷୀ

- ଜୁନ୍‌ରେ ଟପିଥିଲା ସ୍ୱାଭାବିକ ପରିମାଣ
- ଜୁଲାଇରୁ ବର୍ଷା ହ୍ରାସ ପାଇଛି
- ଭାଗ୍ୟକୁ ଆଦରି ଆଗେଇ ଚାଲିଛି ଚାଷୀ

**ବରଗଡ଼ ଅଫିସ୍,୧୪।୭**

ଖରିଫ ଚାଷ ଆରମ୍ଭ ହୋଇଛି। ଧାନ ବୁଣାବୁଣି, ରୁଆକାର୍ଯ୍ୟ ଚାଲିଛି। ହେଲେ ଦିନକୁ ଦିନ ବୃଷ୍ଟିପାତ ପରିମାଣ ହ୍ରାସ ପାଇବା ଘଟଣା ବରଗଡ଼ ଜିଲା ମରୁଡ଼ି ପ୍ରପୀଡ଼ିତ ପଦ୍ମପୁର ଉପଖଣ୍ଡ ସମେତ ଅନ୍ୟ ଅଣଜଳସେଚିତ ଅଞ୍ଚଳର ଚାଷୀଙ୍କ ପାଇଁ ଚିନ୍ତା ପାଲଟିଛି। କେନାଲ ଜଳସେଚନ ବ୍ୟବସ୍ଥା ନ ଥିବାରୁ ଏ ଅଞ୍ଚଳର ଚାଷୀମାନେ କେବଳ ବର୍ଷା ଉପରେ ନିର୍ଭର କରନ୍ତି ଏବଂ ବର୍ଷକୁ ଥରେ ଧାନଚାଷ କରିଥାନ୍ତି। ଗତ କିଛିବର୍ଷ ହେଲା ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଅଞ୍ଚଳର ଚାଷୀମାନେ ମରୁଡ଼ିର ସମ୍ମୁଖୀନ ହୋଇ ଆସୁଛନ୍ତି। ତେବେ ଖରିଫ ଚାଷ ଆରମ୍ଭରୁ ଭଲ ବର୍ଷା ହୋଇଥିଲେ ସୁଦ୍ଧା ଜିଲାରେ ବର୍ଷା ପରିମାଣ କମିବା ଯୋଗୁ ଅଣଜଳସେଚିତ ଅଞ୍ଚଳର ଚାଷୀଙ୍କୁ ପୁଣି ସେହି ଚିନ୍ତା ଘାରିଛି।

ଜିଲାରେ ୩ଲକ୍ଷ ୪୮ହଜାର ୭୪୭ ହେକ୍ଟର କୃଷି ଉପଯୋଗୀ ଜମି ରହିଛି। ସେଥିରୁ ଖରିଫ ଋତୁରେ ୨ଲକ୍ଷ ୪୭ହଜାର ୨୬୮ ହେକ୍ଟର ଏବଂ ରବି ଋତୁରେ ୬୯ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥାଏ। ରବିଋତୁରେ ଅଣଜଳସେଚିତ ଅଞ୍ଚଳରେ ସେଭଳି ଧାନଚାଷ ହେଉ ନ ଥିବାବେଳେ ଖରିଫ ଋତୁରେ ଧାନଚାଷ କରିବାକୁ ବର୍ଷେ ପୂର୍ବରୁ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ଅପେକ୍ଷା କରିଥାନ୍ତି। ବର୍ଷା ହିଁ ସେମାନଙ୍କ ଚାଷ ପାଇଁ ଆଶା, ଭରସା ପାଲଟିଥାଏ। ସାଧାରଣତଃ ଜୁନ୍ ମାସରୁ ଖରିଫ ଚାଷ ଆରମ୍ଭ ହୋଇଥାଏ। ବରଗଡ଼ ଜିଲାରେ ଜୁନ୍ ମାସର ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୨୦୫.୫ ମି.ମି ରହିଥିବାବେଳେ ଏଥର ତାଠାରୁ ଯଥେଷ୍ଟ ଅଧିକ ଅର୍ଥାତ୍ ହାରାହାରି ୨୯୩.୨୦ ମି.ମି ବର୍ଷା ହୋଇଛି। ହେଲେ ଜୁଲାଇ ମାସରେ ବର୍ଷା ପରିମାଣ କମିବାରେ



ବରଗଡ଼ ଜିଲା ଅଣଜଳସେଚିତ ଝାରବନ୍ଧ ଅଞ୍ଚଳରେ ଧାନ ରୁଆ କାର୍ଯ୍ୟ ଚାଲିଛି।

ଲାଗିଛି। ଏହି ମାସରେ ଜିଲାର ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୩୭୪.୪ ମି.ମି ରହିଛି। ମାତ୍ର ଏପର୍ଯ୍ୟନ୍ତ ବର୍ଷା ପରିମାଣ ସ୍ୱାଭାବିକ ବୃଷ୍ଟିପାତର ଅଧାକୁ ମଧ୍ୟ ଛୁଇଁ ନାହିଁ ଅର୍ଥାତ୍ ଜିଲାରେ ହାରାହାରି ୧୩୩.୫୪ ମି.ମି ବର୍ଷା ହୋଇଛି। ଆଗକୁ ଅଗଷ୍ଟ ମାସରେ ଧାନଚାଷ ପାଇଁ ଅଧିକ ପାଣି ଆବଶ୍ୟକତା ପଡୁଥିବାରୁ ସେଭଳି ବର୍ଷା ହେବା ଦରକାର। ଏହି ଦୃଷ୍ଟିରୁ ଜିଲାରେ ଅଗଷ୍ଟ ମାସର ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୩୭୪.୪ମିମି ଏବଂ ସେପ୍ଟେମ୍ବର ମାସର ବୃଷ୍ଟିପାତ ପରିମାଣ ୨୨୨.୬ ମିମି ରହିଛି। କିନ୍ତୁ ଯେଭଳି ବର୍ଷା ପରିମାଣ କମି ଚାଲିଛି, ଅଗଷ୍ଟ ମାସରେ ବର୍ଷା ପରିମାଣ ମଧ୍ୟ ସ୍ୱାଭାବିକ ବୃଷ୍ଟିପାତକୁ ଛୁଇଁ ପାରିବ କି ନାହିଁ, ସେ ନେଇ ଆଶଙ୍କା ପ୍ରକାଶ ପାଇଛି।

ଝାରବନ୍ଧ ବ୍ଲକ ବିଳାସପୁରର ଜଣେ ଚାଷୀ ତୁଳାରାମ ଭୋଇ କୁହନ୍ତି, ମୁଁ ୨୦ ଏକର ଜମିରେ ଚାଷକାର୍ଯ୍ୟ କରିଥାଏ। ଏବର୍ଷ ଭଲ ବର୍ଷା ହେଉଛି, କୃଷି ଶ୍ରମିକ ମିଳୁ ନ ଥିବାରୁ ଚାଷକାର୍ଯ୍ୟ ବିଳମ୍ବିତ ହୋଇଛି। ଆଗକୁ ବର୍ଷା ଠିକ୍ ଭାବେ ନ ହେଲେ ସବୁ ପରିଶ୍ରମ, ଖର୍ଚ୍ଚ ବୃଥାରେ ଯିବ। ଏହି ଗ୍ରାମର ଆତ୍ମାରାମ ଜଗତ କହିଛନ୍ତି, ତାଙ୍କର ୬ଏକର ଜମି ରହିଛି। ବର୍ଷା ହେଲେ ବୁଣିବା ବଦଳରେ ଧାନରୁଆ କରୁଥିଲେ। କିନ୍ତୁ ଚାଷ ବିଳମ୍ବ ହେବାରୁ ସବୁତକ ଜମିରେ ସେ ଧାନ ବୁଣି ଦେଇଥିବା କହିଛନ୍ତି। ସବୁଥର ତ ବର୍ଷାହେଲେ ଚାଷ ଆରମ୍ଭ କରୁଛୁ। ହେଲେ ମଝିରେ ବର୍ଷା ହେଉ ନ ଥିବାରୁ ତାହା ନଷ୍ଟ ହୋଇ ଯାଉଥିବା ସେ କହିଥିଲେ। ଭଣ୍ଡାରଜୋରୀ ଗ୍ରାମର ଚାଷୀ ସୁଦର୍ଶନ ବରିହା କୁହନ୍ତି, ସେ ଅଧେ ଜମିରେ ଧାନ ବୁଣିଛନ୍ତି ଏବଂ ଆର ଅଧ ଜମିରେ ଧାନ ରୋଇଛନ୍ତି। ଏବେ ତ ଭଲ ବର୍ଷା ହେଉଛି। ଆଗକୁ ମଧ୍ୟ ବର୍ଷା ଦରକାର। ସେଭଳି ହେଲେ ଭଲ ଅମଳ ହେବ, ନ ହେଲେ ପୁଣି ମରୁଡ଼ି ପରିସ୍ଥିତି ହେବ। ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀଙ୍କ କହିବାନୁସାରେ ଏବେ ଭଲ ବର୍ଷା ହେଉଛି ଏବଂ ଚାଷ ପାଇଁ ଉପଯୋଗୀ ଅଛି। ତେବେ ଜୁଲାଇ ୧୫ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଧାନଚାଷ ପାଇଁ ଅଧିକ ବର୍ଷା ଦରକାର। ତାହା ନ ହେଲେ ଧାନ ଚାଷ କିଛି ପ୍ରଭାବିତ ହୁଏ ବୋଲି ସେ କହିଥିଲେ।



ସମ୍ବଲପୁର ଦଲେଇପଡା ଘାଟରେ ମଙ୍ଗଳବାର ବିପଦପୂର୍ଣ୍ଣ ଭାବେ ପିଲାମାନେ ପଥର ଉପରେ ବସି ମାଛ ଧରୁଛନ୍ତି।

# ସୁନ୍ଦରଗଡ଼ରେ କରୋନା ସ୍ଥିତି ସଙ୍ଗିନ

**ସୁନ୍ଦରଗଡ,୧୪।୭(ଡି.ଏନ୍.ଏ)**

**୫୨ ପଜିଟିଭ ମଧ୍ୟରେ ୨ ଡିଏସପି, ୨ଇନ୍ସପେକ୍ଟର ଓ ୩୫ ପୋଲିସ କର୍ମଚାରୀ**

ସୁନ୍ଦରଗଡରେ କାୟା ମେଲାଇ ଚାଲିଛି କରୋନା। ରାଉରକେଲା ପରେ ଜିଲା ସଦର ମହକୁମା ସୁନ୍ଦରଗଡରେ ଏବେ କରୋନା ସ୍ଥିତି ସଙ୍ଗୀନ ହେବାରେ ଲାଗିଛି। ମଙ୍ଗଳବାର ଜିଲାରେ ୫୨ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ସେଥି ମଧ୍ୟରେ ୩୭ ଜଣ କୋଭିଡ ଯୋଦ୍ଧା ଅଛନ୍ତି। ଏମାନଙ୍କ ମଧ୍ୟରେ ସୁନ୍ଦରଗଡ ପୋଲିସ ଜିଲାର ୨ଜଣ ଡିଏସପି, ୨ଜଣ ଇନ୍ସପେକ୍ଟର, ୩୫ ପୋଲିସ କର୍ମଚାରୀ ଏବଂ ସ୍ୱାସ୍ଥ୍ୟ ବିଭାଗର ୨ଜଣ କର୍ମଚାରୀ ରହିଛନ୍ତି। ଏଥିସହ ସୁନ୍ଦରଗଡ ସହରର ରଙ୍ଗାଡିପା, ଶଙ୍କରା, ମହେଶଡିହି ଆଦି ଅଞ୍ଚଳରେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସହରବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ତେବେ ସଂକ୍ରମଣକୁ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ମଙ୍ଗଳବାର ସୁନ୍ଦରଗଡ ଏସ୍‌ପି କାର୍ଯ୍ୟାଳୟ, ଶଙ୍କରା ରିଜର୍ଭ ପୋଲିସ ଲାଇନ ଓ କ୍ୱାର୍ଟର୍ସ ଗୁଡିକୁ ଅଗ୍ନିଶମ ବିଭାଗ, ମ୍ୟୁନିସିପାଲିଟି ଓ ପୋଲିସ ବିଭାଗ ପକ୍ଷରୁ ମିଳିତ ଭାବେ ସାନିଟାଇଜଡ୍ କରାଯାଇଛି। ପଜିଟିଭ ଚିହ୍ନଟ ହୋଇଥିବା ୧୫ଜଣଙ୍କୁ ରାଉରକେଲା ଓ ସୁନ୍ଦରଗଡ କୋଭିଡ ହସ୍ପିଟାଲକୁ ପଠାଯାଇଥିବା ବେଳେ ଆଉ କେତେଜଣଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହି ଚିକିତ୍ସିତ ହେବାକୁ ପରାମର୍ଶ ଦିଆଯାଇଛି। ତେବେ ସୁନ୍ଦରଗଡ ସହରରେ କିଛି କରୋନା ଆକ୍ରାନ୍ତ ମଙ୍ଗଳବାର ସନ୍ଧ୍ୟାରେ ପଦାକୁ ବାହାରିଥିବା ନେଇ ଉତ୍ତେଜନା ପ୍ରକାଶ ପାଇଛି।

# ରୋଗଶଯ୍ୟାରେ ସ୍ତ୍ରୀ, ବର୍ଷାରେ ଭାଙ୍ଗିଲା ଘର

**ଲୋଇସିଂହା, ୧୪।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡ ପଞ୍ଚାୟତ ଅନ୍ତର୍ଗତ କରନପାଲି ଗାଁର ତରଣୀ ମହାକୁରଙ୍କ ମାଟିଘର ସୋମବାର ରାତିର ବର୍ଷାରେ ଭାଙ୍ଗି ପଡିଛି। ସରକାରଙ୍କ ଆବାସ ଯୋଜନାରେ ତାଙ୍କୁ ଏକ ପକ୍କାଘର ଓ ବର୍ତ୍ତମାନ ସମୟରେ ପଲିଥିନ ଓ ଅନ୍ୟାନ୍ୟ ସହାୟତା ପାଇଁ ସେ ମଙ୍ଗଳବାର ବିଡିଓ ରାମଚନ୍ଦ୍ର ଖାଡିଆଙ୍କ ନିକଟରେ ଫେରାଦ ହୋଇଛନ୍ତି। ଏକମାତ୍ର ଝିଅର ବାହାଘର ପରେ ସ୍ତ୍ରୀ ଇନ୍ଦିରାଙ୍କୁ ନେଇ ବଡକଷ୍ଟରେ ଦିନ କାଟୁଛନ୍ତି ତରଣୀ। ଗତ କିଛିଦିନ ହେବ ଇନ୍ଦିରା ନିମୋନିଆରେ ପୀଡିତ ହୋଇଥିଲେ। ୩ମାସ କାଳ ବୁର୍ଲାରେ ଚିକିତ୍ସିତ ହୋଇ ନିକଟରେ ଘରକୁ ଫେରିଛନ୍ତି। ଏଭଳି ସ୍ଥିତିରେ ସୋମବାର ରାତିରେ ବର୍ଷାରେ ମାଟିଘର କାନ୍ଥ ଭାଙ୍ଗି ଯାଇଥିଲା। ହେଲେ କୌଣସିମତେ ବିପଦରୁ ବର୍ତ୍ତି ଯାଇଥିଲେ ସେମାନେ।



ଭଙ୍ଗା ଘର ନିକରେ ତରଣୀ।

ରହିବା ପାଇଁ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିବାରୁ ରୋଗୀଣା ସ୍ତ୍ରୀଙ୍କୁ କେଉଁଠି ରଖିବେ ଚିନ୍ତାରେ ପଡି ଯାଇଛନ୍ତି ତରଣୀ। ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଦେଦର୍ହ ଗ୍ରାମ କଣ୍ଟେନମେଣ୍ଟ ଜୋନ୍

**ବଲାଙ୍ଗୀର ଅଫିସ/ଖପ୍ରାଖୋଲ, ୧୪।୭ (ଡି.ଏନ୍.ଏ.)**

- ଜିଲାରେ କରୋନା ସଂକ୍ରମିତ ୨୬୮
- ୫୬ ସକ୍ରିୟ, ୨୧୨ ସୁସ୍ଥ

ବଲାଙ୍ଗୀର ଜିଲାରେ ସୋମବାର ନୂଆ ୫ ମାମଲା ଚିହ୍ନଟ ହେବା ପରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୬୮କୁ ବୃଦ୍ଧି ପାଇଛି। ଖପ୍ରାଖୋଲ ବ୍ଲକ ଦେଦର୍ହ ଗ୍ରାମରେ ୪ନୂଆ ସଂକ୍ରମିତ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଏହି ଗାଁର କିଛି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଅନ୍ୟ ଜଣେ ସଂକ୍ରମିତ ଟିଟିଲାଗଡ ବ୍ଲକ ନାରେନ୍ ଗ୍ରାମର ଜଣେ ମହିଳା ବୋଲି ଚିହ୍ନଟ କରାଯାଇଛି। ଗତ ୭ ତାରିଖ ଦେଦର୍ହରେ ଜଣେ ଗର୍ଭବତୀ ମହିଳା ସଂକ୍ରମିତ ଚିହ୍ନଟ ହୋଇଥିଲେ। ଏହାପରେ ସେଠାରେ ପ୍ରଶାସନ ପକ୍ଷରୁ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ ହୋଇଥିଲା। କଣ୍ଟାକ୍ଟ ଟ୍ରେସିଂ ରିପୋର୍ଟ ଆସିବା ପରେ ଅନ୍ୟ ୩ଜଣ ସଂକ୍ରମିତ ବୋଲି ଜଣାପଡିଛି। ଏହା ସହିତ ସେହି ଗାଁର ଅନ୍ୟ ଜଣେ ଆନ୍ଧ୍ରପ୍ରଦେଶ ଫେରନ୍ତା ଯୁବକ ମଧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜିଲାପାଳ ଅରିନ୍ଦମ ଡାକୁଆଙ୍କ ନିର୍ଦ୍ଦେଶକ୍ରମେ ଦେଦର୍ହ ଗାଁର ଗୋଚରପଡା ଘନ ମେହେରଙ୍କ ଘରଠୁ ରାମପ୍ରସାଦ ଦାସଙ୍କ ଘର ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଇଛି। ଗୋଚରପଡାର ଅନ୍ୟ ଅଞ୍ଚଳକୁ ବଫର ଜୋନ୍ କରାଯାଇଛି। ଏହି କଣ୍ଟେନ୍‌ମେଣ୍ଟ ଜୋନ୍ ଓ ବଫର ଜୋନ୍ ଅଞ୍ଚଳରେ ଯାନବାହନ ଚଳାଚଳ ଓ ଜନସାଧାରଣଙ୍କ ଯିବା ଆସିବାକୁ ବନ୍ଦ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ବଲାଙ୍ଗୀର ସହର ହାତୀଶାଳପଡା ଓ ଠିକାଦାରପଡା କଣ୍ଟେନମେଣ୍ଟ ଜୋନ୍‌ରୁ ମଙ୍ଗଳବାର ସୁଦ୍ଧା ନୂଆ ମାମଲା ଚିହ୍ନଟ ହୋଇ ନ ଥିବାରୁ ସହରବାସୀ ଆଶ୍ୱସ୍ତି ଲାଭ କରିଛନ୍ତି।

# ସମାଣ୍ଡୁ ନାଳ ପୋଲ ଉପରେ ପାଣି ଚାଲିଲା

**ନାକଟିଦେଉଳ,୧୪।୭(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ୍ ସାଲେଭଟା ପଞ୍ଚାୟତ ସମାଣ୍ଡୁ ନାଳ ଉପରେ ମଙ୍ଗଳବାର ସକାଳୁ ବନ୍ୟାଜଳ ପ୍ରବାହିତ ହୋଇଛି। ଏଥିଯୋଗୁ ବାଟଗାଁ-ଦେବଗଡ଼ ଜିଲାର ଛତାବର, ସାଲେଭଟା-ବାଟଗାଁ ପଞ୍ଚାୟତ ଓ ଛତାବର-ବାଟଗାଁ ମଧରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ସୋମବାର ରାତିରେ ଏହି ଅଞ୍ଚଳରେ ମୂଷଳ ଧାରାରେ ପ୍ରବଳ ବର୍ଷା ହୋଇଥିଲା। ଏଥିଯୋଗୁ ସମାଣ୍ଡୁ ପୋଲ ଉପରେ ପ୍ରାୟ ୨ଫୁଟ ଉଚ୍ଚତାରେ ବନ୍ୟାଜଳ ପ୍ରବାହିତ ହୋଇଥିଲା।

# ଗୋଟିଏ ଘଣ୍ଟା ବର୍ଷାରେ ବଲାଙ୍ଗୀର ବେହାଲ

**ବଲାଙ୍ଗୀର ଅଫିସ, ୧୪।୭**

ମଙ୍ଗଳବାର ଅପରାହ୍ନରେ ପ୍ରାୟ ଗୋଟିଏ ଘଣ୍ଟାର ବର୍ଷା ବଲାଙ୍ଗୀର ସହରର କେତେକ ଅଞ୍ଚଳକୁ ଜଳାର୍ଣ୍ଣବ କରିଥିଲା। ଅପରାହ୍ନ ପ୍ରାୟ ୪ଟାରୁ ୫ଟା ପର୍ଯ୍ୟନ୍ତ ହୋଇଥିବା ପ୍ରବଳ ବର୍ଷାରେ ସହର ମାଳପଡା, ରୁଗୁଡିପଡା, ଟିକ୍ରାପଡା, ଉଦୟନଗର, ତୁଳସୀନଗର, ସାଗରପଡା, ବରପାଲିପଡା, ଡ୍ୟାମ୍‌ପଡା, ରାଜେନ୍ଦ୍ର ପଡା, ପ୍ୟାଲେସ ଲାଇନ୍, ଠିକାଦାର ପଡାରେ ରାସ୍ତାରେ ବର୍ଷାପାଣିର ସୁଅ ଛୁଟିଥିଲା। ବର୍ଷା ପାଣି ଡ୍ରେନ୍‌ରୁ ଉଠି ମାଳପଡା-ରେଲୱେ ଷ୍ଟେଶନ ରାସ୍ତାରେ ଛୁଟିଥିଲା। ରୁଗୁଡିପଡା ଓ ସାଗରପଡାରେ ବହୁ ଲୋକଙ୍କ ଘରେ ପାଣି ପଶି ଯାଇଥିଲା। ଚଳିତ ବର୍ଷ ମ୍ୟୁନିସିପାଲିଟି ତରଫରୁ ଡ୍ରେନ୍ ସଫେଇ କାମ ଠିକ୍ ଭାବେ କରାଯାଇ ନ ଥିବାରୁ ବର୍ଷା ପାଣି ନିଷ୍କାସିତ ହୋଇପାରୁ ନ ଥିବା ଲୋକ ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ଡ୍ରେନ୍ ସଫେଇକୁ ଅଗ୍ରାଧିକାର ଦେବାକୁ ଦାବି ହେଉଛି।



ରୁଗୁଡିପଡାରେ ବର୍ଷା ପାଣି ରାସ୍ତା ଉପରେ ଛୁଟୁଛି।

# କଳାହାଣ୍ଡି ସପୁରିର ଅଭାବୀ ବିକ୍ରି

**ଭବାନୀପାଟଣା,୧୪।୭(ଡି.ଏନ.ଏ.)**

- ବଜାର ସୁବିଧା ନାହିଁ, ଚିନ୍ତାରେ ଆଦିବାସୀ
- ଫାଇଦା ପାଉଛନ୍ତି ବାହାର ରାଜ୍ୟର ବେପାରୀ

କଳାହାଣ୍ଡି ଜିଲାରେ ସପୁରି ବିକ୍ରି ପାଇଁ ବଜାର ସୁବିଧା ନାହିଁ। ଫଳରେ ଆଦିବାସୀମାନେ ଶାଗମାଛ ଦରରେ ଦଲାଲଙ୍କ ହାତରେ ସେମାନଙ୍କ ଉତ୍ପାଦିତ ସପୁରି ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏପରି ଅଭାବୀ ବିକ୍ରିର ଶିକାର ଆଦିବାସୀମାନେ ଏହି ସମସ୍ୟାର ସ୍ଥାୟୀ ସମାଧାନ ଦାବି କରିଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଉନାହିଁ। ବିଭାଗୀୟ ଅଧିକାରୀମାନେ ବି ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି।

କରୋନା କଟକଣା ମଧ୍ୟରେ କଳାହାଣ୍ଡି ଜିଲାର ଆଦିବାସୀମାନେ ସପୁରି ଚାଷ କରିଥିଲେ। ଫସଲ ବି ଚଳିତ ବର୍ଷ ଭଲ ହୋଇଥିଲା। ଧିରେ ଧିରେ ବିଲରେ ସପୁରି ପାଚି ହଳଦିଆ ରଙ୍ଗ ଧରିଲା। ସପୁରି ବାସ୍ନାରେ ଚାରିଆଡ଼େ ମହକିଲା। ଏଥର ବି ପଇସା ଭଲ ରୋଜଗାର ହେବ ବୋଲି ସେମାନେ ଆଶା ବାନ୍ଧିଥିଲେ। ହେଲେ ବଜାର ସୁବିଧା ନ ଥିବାରୁ ଆଦିବାସୀଙ୍କ ଆଶା ଆଶାରେ ରହିଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଓ ରାୟଗଡା ଜିଲା ସୀମାନ୍ତ ନିୟମଗିରି ପାହାଡ଼ରେ ଚଳିତବର୍ଷ ରେକର୍ଡ ସଂଖ୍ୟାରେ ସପୁରି ଉତ୍ପାଦିତ ହୋଇଛି। ମାସ ମାସ ଧରି ପରିଶ୍ରମ କରି ପାହାଡ ଉପରେ ମିଠା ସପୁରି ଉତ୍ପାଦନ କରିଥିବା ଡଙ୍ଗରିଆ ଏବଂ ଝରଣିଆ କନ୍ଧମାନେ ଗମନାଗମନର ସୁବିଧା ଅଭାବରୁ ସପୁରିକୁ ବିକ୍ରି କରିପାରି ନ ଥିଲେ। ଏପରି କି ସ୍ଥାନୀୟ ଅଞ୍ଚଳରେ ଫଳ ସଂରକ୍ଷଣ ଭିତ୍ତିକ ଶିଳ୍ପର ଅଭାବ ଯୋଗୁ ସେମାନେ ଅଭାବୀ ବିକ୍ରିର ଶିକାର ହୋଇଛନ୍ତି। ନିୟମଗିରି ପାହାଡ଼ ଓ ଜଙ୍ଗଲରେ ୨୦ରୁ ଉର୍ଦ୍ଧ୍ୱ ଛୋଟ ଛୋଟ ଗାଁ ରହିଛି। ସେହି ଅଧିବାସୀମାନେ ବିଭିନ୍ନ ସମୟରେ କାନ୍ଦୁଲ, ମାଣ୍ଡିଆ, କୁଶଳା, ଆମ୍ବ, କଦଳୀ, କମଳା, ଲେମ୍ବୁ, ଡାଲଚିନି, ଗୋଲମରିଚ, ହଳଦୀ, ଅଦା, ତେନ୍ତୁଳି, ପଣସ ଆଦି ଚାଷ କରିଥାନ୍ତି। ହେଲେ ମେ ଓ ଜୁନ ୨ ମାସ ସେମାନେ ପ୍ରମୁଖ ଅର୍ଥକାରୀ ଫଳ ଭାବେ ସପୁରି ଚାଷ କରିଥାନ୍ତି। ନିୟମଗିରିର ଶୀତଳ ଜଳ ଓ ପବନ ଯୋଗୁ ସପୁରି ଚାଷ ଭଲ



ହୋଇଥାଏ। ସେଥିପାଇଁ ସେହି ସପୁରିର ଚାହିଦା ରହିଛି। ଆଦିବାସୀମାନେ ସେହି ସପୁରିକୁ ବିକ୍ରି କରିବା ପାଇଁ ରାୟଗଡା ଜିଲାର ଚାଟିକଣା, ବିଷମକଟକ, ମୁନିଗୁଡା, ଆମ୍ବାଦୋଳା ଓ କଳାହାଣ୍ଡି ଜିଲାର ଲାଞ୍ଜିଗଡ, ଲାଞ୍ଜିଗଡ ରୋଡ, ବିଶ୍ୱନାଥପୁର, ଭବାନୀପାଟଣା ଆଣିଥାନ୍ତି। ହେଲେ ଛତିଶଗଡ ଏବଂ ଆନ୍ଧ୍ରପ୍ରଦେଶ ବେପାରୀମାନେ ଡଙ୍ଗରିଆଙ୍କ ସରଳତାର ସୁଯୋଗ ନେଇ ଗୋଟାଏ ସପୁରିକୁ ୫ରୁ ୭ ଟଙ୍କାରେ କିଣି ୩୦ ରୁ ୪୦ ଟଙ୍କାରେ ବିକ୍ରି କରୁଥିବା ବେଳେ ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶରେ ସେହି ସପୁରିକୁ ୪୦ ରୁ ୭୦ ଟଙ୍କାରେ ବିକ୍ରି କରାଯାଇଥାଏ। ଆଦିବାସୀମାନେ ପାହାଡ ଉପରେ ୩ ରୁ ୪ ମାସ ଦିନରାତି ପରିଶ୍ରମ କରି ସପୁରି ଚାଷ କରିଥିଲେ ମଧ୍ୟ ୧୦ ଭାଗ ବି ଲାଭ ପାଇ ନ ଥାନ୍ତି। ଅନ୍ୟପକ୍ଷେ ପାହାଡ ଉପରେ ରାସ୍ତା ନ ଥିବାରୁ ଆଦିବାସୀମାନେ ସପୁରି ବୋଝକୁ ମୁଣ୍ଡରେ ଧରି ୧୫ ରୁ ୨୦ କିମି ଦୂର ଚାଲି ଚାଲି ବଜାରକୁ ଆସିଥାନ୍ତି। ହେଲେ ଅନ୍ୟ ରାଜ୍ୟର ବେପାରୀମାନେ ତାଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି।

